# Akashvani, Sambalpur

## SAMBALPURI NEWS MORNING BULLETIN

## 28 June 2026 - 6.47- 6.52 am.

---

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆଉ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭି଼ଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପଲ୍ସ୍ ପୋଲିଓ ଆର୍ଏନ୍ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ଠାନୁ ମଙ୍ଗଲ୍ବାର୍ତକ୍ ପଲ୍ସ୍ ପୋଲିଓ ଅଭିଯାନ୍ କରାଯିବା । ଇଥି ଜନମ୍ନୁ ୫ ବଛର୍ତକ୍ ସବୁ ଛୁଆକୁ ପୋଲିଓ ବୁନ୍ଦା ଦିଆଯିବା । ଇଥିର୍ଲାଗି ଦେଶର୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପୋଲିଓ ବୁଥ୍, ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଅଙ୍ଗନବାଡ଼ି କେନ୍ଦ୍ରମାନ୍କେ ବ୍ୟବସ୍ଥା କରାଯାଇଛେ । ବୁଥ୍ ମାନ୍କେ ପୋଲିଓ ବୁନ୍ଦା ନାଇଁ ନେଇଥିବା ଛୁଆମାନ୍କୁ ସ୍ୱାସ୍ଥ୍ୟକର୍ମୀ ଆଉ ସ୍ୱେଚ୍ଛାସେବୀମାନେ ଘର୍ ଘର୍ ଯାଇକରି ପୋଲିଓ ବୁନ୍ଦା ଦେବେ । ପୋଲିଓ ରୋଗ୍କେ ପୁରାପୁରି ହଟାବାର୍ ଆଉ ସବୁ ଛୁଆମାନ୍କୁ ଟୀକାକରଣ୍ ସୁବିଧା ଯୁଗେଇ ଦେବାର୍କେ ସର୍କାର୍ ସବୁନୁ ଅଏତ୍କା ପ୍ରାଥମିକତା ଦେଉଛନ୍ । ରାଜ୍ୟର୍ ଭିନ୍ ଭିନ୍ ପୋଲିଓ ବୁଥ୍ ନ ଆଏଜ୍ ଟୀକା ଦିଆଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସ୍ନାନଯାତ୍ରା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ସ୍ନାନଯାତ୍ରା ନୀତି କରାଯିବା । ଇଥିର୍‌ଲାଗି ଶ୍ରୀମନ୍ଦିର୍ ଜିଲ୍ଲା ଆଉ ପୁଲିସ୍ ପ୍ରଶାସନ୍ ଭିତ୍‌ରେ ଗୁଟେ ବୈଠକ୍ ହେଇକରି ନୀତିକାନ୍ତିକେ ଠିକ୍ ଭାବେ ପରିଚାଲନା କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇଥିର୍‌ଲାଗି ଗଲାରାତି ୧୦ ବଜେନୁ ଆଏଜ୍ ଦିନର୍ ୧ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ । ସ୍ନାନଯାତ୍ରା ସମିଆଥି ସୁରକ୍ଷା ବ୍ୟବସ୍ଥାକେ ନଜର୍‌ଥି ରଖିକରି ଗହଳି ଜାଗା ମାନ୍‌କେ ୭୯ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଥିବାର୍ ବେଳେ ମାର୍କେଟ୍ ଛକ ଠାନେ ବେରିକେଡ୍‌ଥି ଶ୍ରଦ୍ଧାଳୁମାନେ ଯାଇକରି ମାହାପୁରୁମାନ୍‌କୁ ସ୍ନାନବେଦୀ ନ ଦର୍ଶନ୍ କର୍‌ବେ । ସାରା ସହର୍‌କେ ସିସିଟିଭି ସର୍ବେକ୍ଷଣ୍ ଭିତ୍‌ରେ ରଖାଯାଇଛେ । ଶ୍ରଦ୍ଧାଳୁମାନ୍‌କର୍ ଠିକ୍ ଭାବେ ଯା’ଆସ୍ ଲାଗି ଖାସ୍ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛେ ବଲି ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ ।
(ଭଏସ୍ ଓଭର୍- ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ)

ମହାନଦୀ ଜଲ ବିବାଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଳବଂଟନ୍ ବିବାଦ୍‌ର ସମାଧାନ୍ ଲାଗି ଗଲାକାଏଲ୍ ଜଳ ବିବାଦ୍ ଟ୍ରିବ୍ୟୁନାଲ୍‌ଥି ଶୁଣାଣି ହେଇଛେ । ଦୁହି ରାଜ୍ୟର୍ ବରିଷ୍ଠ ଅଧିକାରୀମାନ୍‌କୁ ନେଇକରି ଗଠିତ୍ କମିଟି ଇ ମାସ ୧୬ ତାରିଖ୍ ନୁ ୨୬ ତାରିଖ୍‌ତକ୍ ଜଳବଂଟନ୍‌କେ ନେଇକରି ବୈଷୟିକ୍ ଆଇନ୍‌ଗତ ଆଉ ପ୍ରଶାସନିକ ଦିଗ ବାବ୍‌ଦେ ଆଲୋଚନା କରିଥିଲେ । ଗଲାକାଏଲ୍ ଟ୍ରିବ୍ୟୁନାଲ୍‌ଥି ଆଲୋଚନା ବାବଦ୍ ରିପୋର୍ଟ ଉପସ୍ଥାପନ୍ କରାଯାଇଛେ । ଆଲୋଚନା ଜରିଏ ସହମତି ଭିତିଥି ଜଳ ବିବାଦ୍‌ର ସମାଧାନ୍ ଲାଗି ଦୁହି ରାଜ୍ୟ ଚେଷ୍ଟା ଜାରି ରଖିଛନ୍ । ମହାନଦୀ ଜଲ୍ ବିବାଦ୍‌ର ପରବର୍ତୀ ଶୁଣାଣି ଆଏବା ଜୁଲାଇ ମାସର୍ ୧୧ ତାରିଖ୍ ଦିନ ହେବା ।

ଆଇଆଇଏମ୍‌ସି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବା ମାସ ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ- ଭୁବ୍‌ନେଶ୍ୱର୍, ଆକାଶ୍‌ବାଣୀ

କାର୍ଯ୍ୟାଳୟ ସମ୍ବଲପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍‌ସି ଢେଙ୍କାନାଲ୍ ପରିସର୍ ନ ସ୍ପଟ୍ ଏଡ୍‌ମିଶନ୍ ଆଉ ସାକ୍ଷାତ୍‌କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ ।

ଏମ୍.ଏମ୍.ଏମ୍.ଇ.        କଲାହାଣ୍ଡି ସମ୍ବାଦଦାତା

ଅନ୍ତର୍ଜାତୀୟ ଏମ୍.ଏମ୍.ଏମ୍.ଇ. ଦିବସ୍ ଅବ୍‌ସରେ କଲାହାଣ୍ଡି ଜିଲ୍ଲା ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଭାସୀ ଜରିଏ କେସିଙ୍ଗାର୍ କୁର୍ଲୁପଡ଼ା ଠାନେ ୪୮ ଏକଡ଼୍ ନୁ ଅଏତ୍‌କା ଜମିନ୍‌ଥି ପାଖାପାଖି ୧୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ଏମ୍.ଏମ୍.ଏମ୍.ଇ.ପାର୍କର ଉଦ୍‌ଘାଟନ୍ କରିଛନ୍ । ଇ ପାର୍କ ନ ନୂଆଁ କ୍ଷୁଦ୍ର, ଲଘୁ ଆଉ ମଧ୍ୟମ୍ ଶିଳ୍ପ ଉଦ୍ୟୋଗ୍‌ମାନ୍‌କୁ ରିହାତି ଦର୍‌ଥି ଜମି ଯୁଗେଇ ଦିଆଯିବା । ଯେନ୍‌ଟା ଜିଲ୍ଲାର୍ ଶିଳ୍ପାୟନ୍‌କେ ନୂଆଁ ଦିଗ୍ ଦେବା । ଇ ଅବ୍‌ସରେ କଲାହାଣ୍ଡିର୍ ୪ ଟା ନୂଆଁ ଏମ୍.ଏମ୍.ଏମ୍.ଇ.ୟୁନିଟ୍ ଉଦ୍‌ଘାଟିତ୍ ହେଇଛେ ।

ଅନିମେଷ୍ କୁଜୁର           ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୬୫ ନମ୍ବର୍ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାଥି ଅନିମେଷ୍ କୁଜୁର ଦ୍ରୁତତମ ପୁରୁଷ ଧାବକର ମାନ୍ୟତା ପାଇଛନ୍ । ପୁରୁଷ ଶହେ ମିଟର୍ ଦୌଡ଼କେ ୧୦ ଦଶ୍‌ମିକ୍ ୨/୮ ସେକେଣ୍ଡ୍‌ଥି ପାର୍ କରିକରି ସେ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ-ପର୍ଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କମ୍‌ନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ଗରମ୍ ଆଉ ଗୁଳଗୁଳି ପାଗ ନେଇକରି ଭୁବ୍‌ନେଶ୍ୱର୍‌ର ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୭ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।